# ତହସିଲ କାର୍ଯ୍ୟାଳୟ,କନିକା

ଜିଲ୍ଲା-କେନ୍ଦ୍ରାପଡା

**ସର୍ବସାଧାରଣ ଇସ୍ତିହାର**

ପତ୍ରାଙ୍କ ନଂ ୨୪୩୦ //ତା ୦୨.୦୬.୨୦୨୫ //

ଡି-ରିଜର୍ଭେସନ(De-reservation)କେଶନଂ - ୦୪/୨୦୨୪-୨୫
(Arising out of Alienation Case No-04/2025-26)

ଏତଦ୍ୱାରା ମୌଜା – ନହୁଲିଆ, ଥାନା – ରାଜକନିକା, ଜିଲ୍ଲା – କେନ୍ଦ୍ରାପଡା ଅନ୍ତର୍ଗତ ନିମ୍ନୋଲ୍ଲେଖିତ ତଫସିଲଭୁକ୍ତ ସରକାରୀ ଜମି ସମ୍ବନ୍ଧରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଯାଉଛି ଯେ, ଉକ୍ତ ଜମିକୁ **କୋରନ୍ଦ ପ୍ରାଥମିକ କୃଷି ସମବାୟ ସମିତି** (Koranda PACS Ltd.)ପକ୍ଷରେ ପଞ୍ଜୀକରଣ କରିବା ସହ ପ୍ରାଥମିକ କୃଷି ସମବାୟ ସମିତି ସମ୍ବନ୍ଧୀୟ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ସାଧନ ପାଇଁ **ଉପ-ନିବନ୍ଧକ ସମବାୟ ସମିତି, କେନ୍ଦ୍ରାପଡା ଡିଭିଜନ, କେନ୍ଦ୍ରାପଡା** (Deputy Registrar of Co-Operative Societies, Kendrapara Division, Kendrapara)ଙ୍କ ପକ୍ଷରୁ ଆବେଦନ ପ୍ରାପ୍ତ ହୋଇଛି।

ଏହା ପାଇଁ ଉକ୍ତ ସରକାରୀ ଜମିକୁ କିସମ "ଗୋଚର" ରକ୍ଷିତ ଖାତା ନଂ ୨୦୭ ରୁ ବାଦ ଦିଆଯାଇ, ଏହାକୁ "ଆବାଦ ଯୋଗ୍ୟ ଅନାବାଦି" ଖାତାରେ ଅନ୍ତର୍ଭୁକ୍ତ କରି "ପତିତ" କିସମରେ ରେକର୍ଡ ସଂଶୋଧନ କରାଯିବା ପାଇଁ ପ୍ରସ୍ତାବିତ କରାଯାଇଛି।

ଏଣୁ,ଏହି ବାବଦରେ ଯଦି କାହାର କୌଣସି ଆପତ୍ତି କିମ୍ବା ଅଭିଯୋଗ ରହିଥାଏ,ତେବେ ଇସ୍ତାହାର ଜାରିହେବା ତାରିଖରୁ **୧୫ ଦିନ (ପନ୍ଦର ଦିନ)** ମଧ୍ୟରେ, ଲିଖିତ ଅଭିଯୋଗ ପତ୍ର ସହିତ ସ୍ୱୟଂ ବା ନିଜ ପ୍ରତିନିଧିଙ୍କ ମାଧ୍ୟମରେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ହୋଇ ନିଜ ସପକ୍ଷରେ ଆବଶ୍ୟକୀୟ କାଗଜପତ୍ର ଦର୍ଶାଇବାକୁ ହେବ। ଧାର୍ଯ୍ୟ ସମୟସୀମା ପରେ କୌଣସି ଆପତ୍ତି କିମ୍ବା ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

**ଅଦ୍ୟ ଅଦାଲତର ମୋହରଯୁକ୍ତ ସ୍ୱାକ୍ଷର ବିଧିଯୁକ୍ତ ଦିଆଗଲା ।**

ତହସିଲଦାର, କନିକା ।

**ତଫସିଲ ଜମି**

| ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ ନଂ. | ରକବା | କିସମ |
|---|---|---|---|---|---|
| **ନହୁଲିଆ** | ରାଜକନିକା ଥାନା ନଂ. -୮୦ | ୨୦୭ (ରକ୍ଷିତ) | ୯୬୦ | ଏ ୦.୨୭ | ଗୋଚର |

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କନିକାଙ୍କ ନୋଟିସ ବୋର୍ଡ/ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାଜକନିକାଙ୍କ ନୋଟିସ ବୋର୍ଡ / ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ,କଣ୍ଟପଡାଙ୍କ ନୋଟିସ ବୋର୍ଡ/ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ,ବରାଡିଆଙ୍କ ନୋଟିସ ବୋର୍ଡ/ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ,ଆକୁଳିପଡାଙ୍କନୋଟିସ ବୋର୍ଡ/ ଇସ୍ତିହାରଟି ଆକୁପଡା ଗ୍ରାମ ପଞ୍ଚାୟତ ଏବଂ ନହୁଲିଆ ଗ୍ରାମରେ ଢୋଲ ବାଜାଇ ଏବଂ ଧ୍ୱନିବର୍ଦ୍ଧକ ଯନ୍ତ୍ର (ଲାଉଡ୍ ସ୍ପିକର୍)ମାଧ୍ୟମରେ ପ୍ରଚାର କରାଯିବ ଏବଂ ଏହାର ଏକ ପ୍ରତିନହୁଲିଆ ଗ୍ରାମର ଦୃଶ୍ୟମାନ ସ୍ଥାନରେ, ସ୍ଥାନୀୟ ଅନ୍ୟୂନ ଦୁଇ ଜଣ ବ୍ୟକ୍ତିଙ୍କ ଉପସ୍ଥିତିରେ ଇସ୍ତିହାର ଲଟକାଇବା / ଜିଲ୍ଲାୱେବ ପୋର୍ଟାଲରେ(https://kendrapara.odisha.gov.in) ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିବା ପାଇଁ ପ୍ରେରଣ କରାଗଲା।।

ତହସିଲଦାର, କନିକା ।